ସରଳ ବେହେଲା ବାଦନ

(ପ୍ରଥମ ଭାଗ)

ଶ୍ରୀ ନବଘନ ମିଶ୍ର
ବାଦ୍ୟ ବିଶାରଦ

Author Images reprocessed by srujanika@gmail.com

ସରଳ ବେହେଲା ବାଦନ

(ପ୍ରଥମ ଭାଗ)

ଲେଖକ

ଶ୍ରୀ ନବଘନ ମିଶ୍ର

ସଙ୍ଗୀତ-ବିଶାରଦ (B. Mus.)

ଆକାଶବାଣୀ, କଟକ

ପ୍ରକାଶକ

ଶ୍ରୀ ଉମାକାନ୍ତ ମିଶ୍ର M. A.

ଆର୍. ବି. ପବ୍ଲିକେଶନ

ଖାନନଗର, କଟକ

Author Images reprocessed by srujanika@gmail.com

ସରଳ ବେହେଲା ବାଦନ
(ପ୍ରଥମ ଭାଗ)

ଲେଖକ
ଶ୍ରୀ ନବଘନ ମିଶ୍ର
ସଙ୍ଗୀତ-ବିଶାରଦ (B. Mus.)
ଆକାଶବାଣୀ—କଟକ

ପ୍ରକାଶକ
ଶ୍ରୀଯୁକ୍ତ ରମାକାନ୍ତ ମିଶ୍ର
ଆର୍ ବି ପବ୍ଲିକେଶନ୍ସ
ଖାନନଗର, କଟକ

ମୁଦ୍ରଣ
ପ୍ରଜ୍ଞା ପ୍ରିଣ୍ଟର୍ସ, ଖାନନଗର,
କଟକ-୭୫୩୦୧୨
ଫୋନ୍-୨୩୫୯୭

ପ୍ରଚ୍ଛଦପଟ
ଶ୍ରୀ ଅସୀତ ମୁଖାର୍ଜୀ

ମୂଲ୍ୟ
ଟ ୨୧.୦୦ (ଏକୋଇଶ ଟଙ୍କା ମାତ୍ର)

ପ୍ରଥମ ସଂସ୍କରଣ
ଶ୍ରୀଗୁଣ୍ଡିଚା, ୧୯୯୩

Written by
Sri Nabaghana Mishra, B. Mus

Published by
R. B. Publication
Khannagar, Cuttack-753012

Price
Rs. 21.00
(Rupees Twenty one only)

Author Images reprocessed by srujanika@gmail.com



ସମର୍ପଣ

ମୋର ପୂଜ୍ୟ ଗୁରୁ

୰ କବିମଞ୍ଜୁଳ କୃଷ୍ଣପ୍ରସାଦ ବସୁ

ମୋର ପୂଜ୍ୟ ପିତା

୰ ଶ୍ରୀ ବ୍ରହ୍ମାନନ୍ଦ ମିଶ୍ର

ମୋର ପୂଜ୍ୟ ମାତା

୰ ଶ୍ରୀମତୀ ମାଳତୀ ଦେବୀ

ଙ୍କ

ପୁଣ୍ୟ

ସ୍ମୃତି ଉଦ୍ଦେଶ୍ୟରେ

ମୁଁ ଏ ପୁସ୍ତକଟିକୁ

ସମର୍ପଣ କରୁଅଛି ।

ନବଘନ

Author Images reprocessed by srujanika@gmail.com

ସୂଚୀ ପତ୍ର

			ପୃଷ୍ଠା
	ଅଭିମତ	...	କ—ଜ
୧.	ବେହେଲାର ଜନ୍ମ ବା ଇତିହାସ	...	୧
୨.	ପାଶ୍ଚାତ୍ୟ ଦେଶରେ ବେହେଲାର କ୍ରମବିକାଶ	...	୩
୩.	ଭାରତୀୟ ବାଦ୍ୟର ବର୍ଗୀକରଣ	...	୪
୪.	ସ୍ୱରଲିପି ଚିହ୍ନ ପରିଚୟ	...	୬
୫.	ବାଦକର ଗୁଣ ଦୋଷ	...	୮
୬.	ବେହେଲା ବଜାଇବାର ଶୈଳୀ	...	୧୨
୭.	ତାଳ ସମ୍ପର୍କରେ ଜ୍ଞାନ	...	୧୮
୮.	ଥାଟ ବା ଠାଟ	...	୨୩
୯.	ରାଗ—ବିଲାବଲ	...	୨୪
୧୦.	ରାଗ—ଇମନ (କଲ୍ୟାଣ)	...	୨୫
୧୧.	ରାଗ—ଖମାଜ	...	୨୬
୧୨.	ରାଗ—ଭୈରବ		୨୭
୧୩.	ରାଗ—ପୂରବୀ		୨୮
୧୪.	ରାଗ—ମାରବା	...	୨୯
୧୫.	ରାଗ—କାଫୀ	...	୩୦
୧୬.	ରାଗ—ଆଶାବରୀ	...	୩୧
୧୭.	ରାଗ—ଭୈରବୀ	...	୩୨
୧୮.	ରାଗ—ତୋଡ଼ି	...	୩୩
୧୯.	ଶ୍ରୁତି	...	୩୪
୨୦.	ରାଗ—ବିଲାବଲ ଆଲାପ, ଇମନ୍ ଆଲାପ, ଖମାଜ ଆଲାପ	...	୩୫
୨୧.	ରାଗ— କାଫି ଆଲାପ, ଭୈରବ ଆଲାପ, ଆଶାବରୀ ଆଲାପ	...	୩୬
୨୧.	ରାଗ—ଭୈରବୀ ଆଲାପ, ପୂରବୀ ଆଲାପ, ମାରବା ଆଲାପ	...	୩୬
୨୨.	ରାଗ—ତୋଡ଼ି ଆଲାପ, ଭୂପାଳୀ ଆଲାପ	...	୩୮
୨୩.	ଶ୍ରୀ ବିଷ୍ଣୁ ଗୋବିନ୍ଦ ଯୋଗ	...	୩୯
୨୪.	ଶ୍ରୀ ପି. ଏ. ସୁନ୍ଦରମ୍ ଅୟ୍ୟର	...	୪୦
୨୫.	ଶ୍ରୀ ଗଜାନନ ରାଓଜୀ ଯୋଶୀ	...	୪୧
୨୬.	ଶ୍ରୀ ଦାମୋଦର କେଶବ ଦାତାର	...	୪୨
୨୭.	ଶ୍ରୀ ୟୁହୁଦୀ ମେନୁହିନ	...	୪୩
୨୮.	ଶ୍ରୀ ଭୁବନେଶ୍ୱର ମିଶ୍ର		୪୪

Author Images reprocessed by srujanika@gmail.com

ଅଭିମତ

ଶ୍ରୀଢେସ୍ତୁ ନବଘନ ମିଶ୍ରଙ୍କ ଦ୍ୱାରା ଲିଖିତ "ସରଳ ବେହେଲା ବାଦନ ଶିକ୍ଷା" ପାଣ୍ଡୁଲିପି ପଢ଼ି ମୁଁ ଅତ୍ୟନ୍ତ ପ୍ରସନ୍ନ ହେଲି ।

ସଙ୍ଗୀତ କ୍ଷେତ୍ରରେ ବେହେଲା ଶିକ୍ଷାର୍ଥୀଙ୍କ ପାଇଁ ଉପଯୁକ୍ତ କ୍ରିୟାତ୍ମକ ଏବଂ ଶାସ୍ତ୍ରୀୟ ଅଙ୍ଗ ଦୁଇଟିର ପରିପୂର୍ଣ୍ଣ ଅଭାବ ଆଜଯାଏ ରହିଥିଲା । ଇଂରାଜୀ ଏବଂ ହିନ୍ଦୀରେ ସଙ୍ଗୀତ ଓ ବେହେଲାବାଦନ ଶିକ୍ଷା ପାଇଁ ଯାହା କିଛି ବହି ଅଛି । କିନ୍ତୁ ଓଡ଼ିଆରେ ଏ ପ୍ରକାର ବେହେଲା ବାଦନ ଶିକ୍ଷାର କୌଣସି ପୁସ୍ତକ ନ ଥିଲା କି ନାହିଁ । ଏହାକୁ ଦୂର କରିବାରେ ନବଘନଙ୍କର ଏତାଦୃଶ ପ୍ରୟାସ ଅତ୍ୟନ୍ତ ସ୍ପୃହଣୀୟ ।

ବେହେଲା ବାଦନ ଶିକ୍ଷାର୍ଥୀ ନିଶ୍ଚିତ ଭାବରେ ଏହାର ଅପୂର୍ବ ସୁଯୋଗ ଲାଭ କରିବେ । ଲେଖକଙ୍କ ଦ୍ୱାରା କରାଯାଇଥିବା ଏହି ପ୍ରୟାସର ସଫଳତା ପୂର୍ବକ ଉତ୍ତରୋତ୍ତର ବୃଦ୍ଧିଲାଭ ହେଉ, ଏହା ହିଁ ମୋର ହାର୍ଦ୍ଦିକ କାମନା ।

ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା—ଲେଖକଙ୍କୁ ଏହାର ସଫଳତା ପାଇଁ ଆହୁରି ଅଗ୍ରସର ହେବାକୁ ଶକ୍ତି ଦିଅନ୍ତୁ ।

ସ୍ୱା

Author Images reprocessed by srujanika@gmail.com

ଶ୍ଳୋକ

ପୂର୍ବଂ ଚତୁର୍ଣ୍ଣା ବେଦାନାଂ ସାରମା କୃଷ୍ୟ ପଦ୍ମଜଃ
ଇମଂ ତୁ ପଞ୍ଚମ ବେଦଂ ସଙ୍ଗୀତାଖ୍ୟ ମକଳ୍ପୟତ୍ ।

ଅର୍ଥାତ୍—ସୃଷ୍ଟି କର୍ତ୍ତା ବ୍ରହ୍ମା ଚାରିବେଦରୁ ସାର ସଂଗ୍ରହ କରି ସଂଗୀତ ବିଦ୍ୟାକୁ ପଞ୍ଚମ ବେଦ ରୂପେ ଗ୍ରହଣ କରିଛନ୍ତି ।

ଗୁରୁ ବନ୍ଦନା

ଗୁରୁର୍ବ୍ରହ୍ମା, ଗୁରୁର୍ବିଷ୍ଣୁ, ଗୁରୁର୍ଦ୍ଦେବ ମହେଶ୍ୱରଃ
ଗୁରୁସାକ୍ଷାତ୍ ପରଂବ୍ରହ୍ମ ତସ୍ମୈ ଶ୍ରୀ ଗୁରବେ ନମଃ

× × × ×

ତ୍ୱମେବ ମାତା ଚ ପିତା ତ୍ୱମେବ
ତ୍ୱମେବ ବନ୍ଧୁଶ୍ଚ ସଖା ତ୍ୱମେବ
ତ୍ୱମେବ ବିଦ୍ୟା ଦ୍ରବିଣ ତ୍ୱମେବ
ତ୍ୱମେବ ସର୍ବ ମମ ଦେବ ଦେବ ।

ଶ୍ଳୋକ

ପ୍ରଣମ୍ୟ ଶିରସାଦେବୌ ପିତାମହ ମହେଶ୍ୱରୌ
ସଙ୍ଗୀତଶାସ୍ତ୍ର ସଂକ୍ଷେପଃ ସାରତୋଽୟଂ ମୟୋଚ୍ୟତେ ।

ଅର୍ଥାତ୍ – ବ୍ରହ୍ମା ଏବଂ ମହାଦେବଙ୍କ ବନ୍ଦନା କରି ମୁଁ ସଂକ୍ଷେପରେ ସଙ୍ଗୀତଶାସ୍ତ୍ରର କେତୋଟି ସାରକଥା କହିବାକୁ ଯାଉଛି । ପ୍ରାୟ ସବୁ ପ୍ରାଚୀନ ଗ୍ରନ୍ଥାକାର ନିଜର ଗ୍ରନ୍ଥ ଆରମ୍ଭ କରିବା ପୂର୍ବରୁ ବ୍ରହ୍ମା, ସରସ୍ୱତୀ ଅଥବା ମହେଶ୍ୱରଙ୍କର ବନ୍ଦନା ଏଇଥିପାଇଁ କରନ୍ତି କି, ପୌରାଣିକ ଦୃଷ୍ଟିରୁ ସଙ୍ଗୀତର ସମ୍ବନ୍ଧ ଦେବଦେବୀଙ୍କର ଅବିଚ୍ଛିନ୍ନ ରୂପ ଅଟେ । ଯେମିତିକି କେତେ ଲୋକ ଭାଷା ଉତ୍ପତ୍ତି, ଦେବୀ ଉତ୍ପତ୍ତି ମାନନ୍ତି । ଏହିପରି ପ୍ରାଚୀନ ସଂସ୍କୃତ ଗ୍ରନ୍ଥାକାରମାନେ ସଙ୍ଗୀତର ଉତ୍ପତ୍ତି ଦେବଦେବୀଙ୍କଠାରୁ ମାନନ୍ତି ।

Author Images reprocessed by srujanika@gmail.com

ନିଜକଥା :

ସଙ୍ଗୀତଶାସ୍ତ୍ର ଅସୀମ ଓ ଅଗାଧ । ତନ୍ମଧ୍ୟରେ ମୋର ଜ୍ଞାନ ସୀମିତ । ମୋ ପକ୍ଷରେ ସଙ୍ଗୀତ ବିଷୟରେ ପୁସ୍ତକ ରଚନା କରିବା ଧୃଷ୍ଟତା ବ୍ୟତୀତ ଆଉ କିଛି ନୁହେଁ । ଯାହା କିଛି ମୁଁ ଲେଖୁଛି ମୋର ପୂଜ୍ୟଗୁରୁ ପ୍ରସିଦ୍ଧ ସଙ୍ଗୀତଜ୍ଞ ତଥା ଲେଖକ ୰ କବିମଞ୍ଜୁଳ କୃଷ୍ଣପ୍ରସାଦ ବସୁଙ୍କର ଆଶୀର୍ବାଦରୁ । ସେ ଥିଲେ ମୋ ପାଇଁ "କୃଷ୍ଣଙ୍କର ପ୍ରସାଦ" । ସେ ପ୍ରଥମେ ମୋତେ କେତେଗୁଡ଼ିଏ ବିଷୟରେ ଖଣ୍ଡିଏ ବହି ଲେଖିବାକୁ ପ୍ରେରଣା ଦେଇଥିଲେ ଏବଂ ତାଙ୍କ ପାଖରେ ଥିବା କେତେକ ସଙ୍ଗୀତ ଶାସ୍ତ୍ର ମଧ୍ୟ ଦେଇଥିଲେ । ସେ ସମସ୍ତ ମୋ ପାଖରେ ରହିଛି । କିନ୍ତୁ ମୋର ଦୁର୍ଭାଗ୍ୟ ଯେ ଏ ବହି ଖଣ୍ଡିକ ପ୍ରକାଶ ହେବା ବେଳକୁ ସେ ଆଜି ଇହ ଜଗତରେ ନାହାନ୍ତି । ଥିଲେ ମୋର ଏ କ୍ଷୁଦ୍ର ପୁସ୍ତକ ଖଣ୍ଡିକ ଦେଖି ଅବଶ୍ୟ ଖୁସି ହୋଇଥାନ୍ତେ । ହେଲେ ମୋ ପାଖରେ ସେ ଅମର । ତାଙ୍କ ଆଶୀର୍ବାଦ ଭିକ୍ଷା କରି ମୁଁ ତାଙ୍କ ପାଖରେ ନତମସ୍ତକ ରହୁଛି ।

ମୋର ସାଧାରଣ ଜୀବନ ସଙ୍ଗୀତ ଭିତରେ କଟିଗଲା ସତ୍ୟ । ତଥାପି ସେ ଅପାର ସମୁଦ୍ର ବେଳାଭୂମିରେ ଆଜି ସୁଦ୍ଧା ପହଞ୍ଚି ହେଲା ନାହିଁ । ପହଞ୍ଚିବା ମଧ୍ୟ ସହଜସାଧ୍ୟ ନୁହେଁ । ପ୍ରକୃତ ସଙ୍ଗୀତ ସାଧକ ଏବଂ ଶିକ୍ଷାର୍ଥୀମାନେ ତାହାର କାରଣ ଜାଣିପାରିବେ । ତାହା ହେଲା— "କୌଣସି ଶିକ୍ଷାର ସମାପ୍ତି ନାହିଁ ।" ଯେତେ ଶିଖୁଥିଲେ ଆହୁରି ମଧ୍ୟ ଶିଖିବାକୁ ଅଛି । କେହି କହିପାରିବ ନାହିଁ ଯେ, ସେ ସବୁ ଜାଣିଛି ବା ସବୁ ଶିଖିଛି ଅଥବା ଆଉ ଶିଖିବାର ନାହିଁ ।।

ସଙ୍ଗୀତକୁ ଯେ କେବଳ ପେଶା ରୂପେ ଗ୍ରହଣ କରିବା ପାଇଁ ଶିକ୍ଷାର୍ଥୀଗଣ ଶିଖୁଛନ୍ତି ତାହା ନୁହେଁ । ପଣ୍ଡିତମାନେ କହୁଛନ୍ତି—

"MUSIC IS THE MEDICINE OF THE MIND"

ସଙ୍ଗୀତରେ ଏପରି ଐଶ୍ୱରିକ ଶକ୍ତି ନିହିତ ଅଛି ଯାହାକି ମନରେ ଔଷଧ ଭଳି କାର୍ଯ୍ୟ କରେ । ବିଦ୍ୱାନ୍‌ମାନେ ଆହୁରି ବ୍ୟାଖ୍ୟା କରିଛନ୍ତି—

Author Images reprocessed by srujanika@gmail.com

"ସଙ୍ଗୀତ୍ ହେ ସୃଷ୍ଟି ଈଶ୍ୱର କା
ହର ସୁର୍ ମେ ବସେ ହେ ରାମ,
ରାଗୀ ଯୋ ସୁନାଏ ରାଗ୍ ମଧୁର୍
ରୋଗୀ କୋ ମିଲେ ଆରାମ ।"

ଅର୍ଥାତ୍—ସଂସାରରେ ଯେତେ ମତ ବା ଧର୍ମ ଅଛି ସବୁର ଲକ୍ଷ୍ୟ ହେଉଛି ଅକ୍ଷୟ, ଅବ୍ୟକ୍ତଙ୍କ ସମୀପବର୍ତ୍ତୀ ହେବା । କିନ୍ତୁ ଈଶ୍ୱରଙ୍କ ନିକଟତମ ହେବା ପାଇଁ ସବୁଠାରୁ ସରଳ ଉପାୟ ହେଉଛି ସଙ୍ଗୀତ । ସଙ୍ଗୀତଦ୍ୱାରା ଯେତେ ଶୀଘ୍ର ମନର ଏକାଗ୍ରତା ରକ୍ଷା କରାଯାଏ, ତାହା ଯୋଗ ବା ତପସ୍ୟା ଭଳି କଷ୍ଟସାଧନ ଦ୍ୱାରା ମଧ୍ୟ ହୋଇପାରେ ନାହିଁ । ଶ୍ରୀମଦ୍ ଗୀତାରେ ଭଗବାନ କହିଛନ୍ତି, "ମଦ୍ ଭକ୍ତା ଯତ୍ର ଗାୟନ୍ତି, ତତ୍ର ତିଷ୍ଠାମି ନାରଦ" । ଅର୍ଥାତ୍ ମୋର ଭକ୍ତମାନେ ଯେଉଁଠି ଗାୟନ ବା ବାଦନ କରନ୍ତି ମୁଁ ସେହିଠାରେ ହିଁ ଥାଏ । ମନୁଷ୍ୟ ଜନ୍ମ ତ ଦୁର୍ଲ୍ଲଭ ତହିଁରେ ପାଣ୍ଡିତ୍ୟ ଓ କବିତ୍ୱ ଆହୁରି ଦୁର୍ଲ୍ଲଭ । ଏ ସମସ୍ତ ଥିଲେ ମଧ୍ୟ ଯଦି ଈଶ୍ୱର ଭକ୍ତି ହୃଦୟରେ ନାହିଁ, ତେବେ ସେହି ମନୁଷ୍ୟ ଜୀବନର ପାଣ୍ଡିତ୍ୟ ଯାହାକିଛି ତାହା ସମସ୍ତ ନିଷ୍ଫଳ । ସଙ୍ଗୀତ ଶାସ୍ତ୍ରକାରମାନେ ଲେଖିଛନ୍ତି ଯେ ନାଦ ହେଉଛି ବ୍ରହ୍ମ ଏବଂ ସ୍ୱର ହେଉଛି ଈଶ୍ୱର । ସ୍ୱରରୂପୀ ଈଶ୍ୱରଙ୍କୁ ସଙ୍ଗୀତ ବା ଯନ୍ତ୍ରମାଧ୍ୟମରେ (ମୋ କ୍ଷେତ୍ରରେ ବେହେଲା) ପ୍ରାର୍ଥନା କରିବାକୁ ମନ ମୋର ସବୁବେଳେ ଜାଗ୍ରତ ରହିଥାଏ ଏହା ହିଁ ମୋର ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ଏବଂ ସେହି ଲକ୍ଷ୍ୟରେ ମୋର **ସରଳ ବେହେଲାବାଦନ ଶିକ୍ଷା** ରଚନା ଏକ ଦୁଃସାହସ ପ୍ରୟାସ ହେଲେ ମଧ୍ୟ ବିଭୁକୃପା ମୋର ପାଥେୟ ।

ମୋର କେତେକ ପ୍ରିୟବନ୍ଧୁ ଏବଂ ଶୁଭଚିନ୍ତକଙ୍କ ଅନୁରୋଧରୁ ୧୯୭୩ ମସିହା ସରସ୍ୱତୀ ପୂଜା ଦିନରୁ 'ବେହେଲାବାଦନ ଶିକ୍ଷା' ପୁସ୍ତକଟିଏ ଲେଖିବି ବୋଲି ମନସ୍ଥ କରିଥିଲି ଓ ପରେ ଲେଖିବା କିଛିଟା ଅବଶ୍ୟ ଆରମ୍ଭ କରିଥିଲି । ମୁଁ ଲେଖକ ବା ସାହିତ୍ୟିକ ବା ସଙ୍ଗୀତ ବିଦ୍ୱାନ ସେମିତି କିଛି ନୁହେଁ । କିନ୍ତୁ କାହିଁକି ଯେ ଏ ଭାବନା ମୋ ମନରେ ଜାଗ୍ରତ ହେଲା ତାହା ମୁଁ ଜାଣେନା । ସେହି ପରମେଶ୍ୱର ଜାଣନ୍ତି ।

Author Images reprocessed by srujanika@gmail.com

ଏ ପୁସ୍ତକ ପ୍ରସ୍ତୁତ ହେବା ପୂର୍ବରୁ ଏହାର ଯଥାସମ୍ଭବ ଭାଷାଗତ ତ୍ରୁଟି ସୁଧାରିବାକୁ ମୁଁ ମୋର ପ୍ରିୟବନ୍ଧୁ ରେଭେନ୍ସା ମହାବିଦ୍ୟାଳୟର ପୂର୍ବତନ ମୁଖ୍ୟ ଗ୍ରନ୍ଥାଗାରିକ ଡକ୍ଟର ବ୍ରଜବିହାରୀ ମିଶ୍ରଙ୍କର ଆଶ୍ରୟ ନେଲି । ସେ ସମସ୍ତ ପାଣ୍ଡୁଲିପି ପଢ଼ି ଆବଶ୍ୟକ ସ୍ଥଳେ ସଂଶୋଧନ ଏବଂ ସ୍ଥଳ ବିଶେଷରେ ପରିବର୍ତ୍ତନ ମଧ୍ୟ କରିଛନ୍ତି । ଆଉ ମଧ୍ୟ ମୋର ଅନୁରୋଧରୁ ସେ ମୁଖବନ୍ଧ ଲେଖିଛନ୍ତି । ସେ ମହାଶୟଙ୍କୁ ଆନ୍ତରିକ ଅଶେଷ ଶୁଭେଚ୍ଛା ତଥା ଧନ୍ୟବାଦ । ଯଦି ଏ ପୁସ୍ତକଟିରେ କିଛି ତ୍ରୁଟି ରହିଯାଇ ଥାଏ ଏବଂ କାହାର ଦୃଷ୍ଟିରେ ପଡ଼େ ଦୟାକରି ଦର୍ଶାଇଲେ ପୁସ୍ତକର ପରବର୍ତ୍ତୀ ସଂସ୍କରଣରେ ତାହା ସଂଶୋଧିତ ହେବ ।

ସବୁଠାରୁ ଉଲ୍ଲେଖନୀୟ ଏହି ଯେ ମୋର ପ୍ରିୟ ଛାତ୍ର ଶ୍ରୀମାନ୍ ଆପ୍ତକାମ ମିଶ୍ର (ବାପି) ଏବଂ ତାଙ୍କ ପିତା, 'ପ୍ରଜ୍ଞା ପ୍ରିଣ୍ଟର୍ସ'ର ସ୍ୱତ୍ୱାଧିକାରୀ ଶ୍ରୀଯୁକ୍ତ ରମାକାନ୍ତ ମିଶ୍ର ମହାଶୟଙ୍କ ଅକୁଣ୍ଠ ଉଦ୍ୟମ ଫଳରେ ମୋର ଏହି ପୁସ୍ତକ ଆତ୍ମପ୍ରକାଶ କରିବା ଏକାନ୍ତ ସମ୍ଭବ ହୋଇଛି । ଏଣୁ ମୁଁ ତାଙ୍କଠାରେ ଚିରଋଣୀ ।

ଲକ୍ଷ୍ନୌ ଭାତଖଣ୍ଡେ ସଙ୍ଗୀତ ମହାବିଦ୍ୟାଳୟର ଗୁରୁ ପଣ୍ଡିତ ଭି. ଜି. ଯୋଗ, ଶ୍ରୀଯୁକ୍ତ ଦାଉଜୀ ଗୋସ୍ୱାମୀ ଏବଂ ସର୍ବୋପରି ଅତୀତ ଓ ବର୍ତ୍ତମାନର ଗୁରୁ ପଣ୍ଡିତ ଭୁବନେଶ୍ୱର ମିଶ୍ରଙ୍କ ଆଶୀର୍ବାଦ ମୋର ଉକ୍ତ ପୁସ୍ତକ ରଚନା କରିବାରେ ସର୍ବଶ୍ରେଷ୍ଠ ପାଥେୟ । ମୁଁ ତାଙ୍କଠାରେ ଚିରକୃତଜ୍ଞ ।

ବେହେଲା ଶିକ୍ଷା ପାଇଁ ହିନ୍ଦୀ ଓ ଇଂରାଜୀରେ ଅନେକ ପୁସ୍ତକ ଅଛି । କିନ୍ତୁ ମୋ ଜାଣିବାରେ ଓଡ଼ିଆରେ ଏ ପ୍ରକାର କୌଣସି ପୁସ୍ତକ ନାହିଁ । ତେଣୁ ନିଶ୍ଚିତଭାବରେ ଏହି ପୁସ୍ତକଟି ବେହେଲା, ସିତାର, ବଂଶୀ ଏସ୍‌ରାଜ୍, ସାରଙ୍ଗୀ ଯନ୍ତ୍ରବାଦକମାନଙ୍କୁ କିଛି ସାହାଯ୍ୟ କରିବ । ପ୍ରଥମ ଅବସ୍ଥାରେ ଛାତ୍ରଛାତ୍ରୀମାନେ ଏହି ପୁସ୍ତକଦ୍ୱାରା କିଛି ଶିକ୍ଷାଲାଭ କରି-କରିପାରିଲେ ମୋର ଶ୍ରମ ସାର୍ଥକ ହେବ ।

ନବଘନ ମିଶ୍ର

Author Images reprocessed by srujanika@gmail.com

ମୁଖବନ୍ଧ

ଶ୍ରୀଯୁକ୍ତ ନବଘନ ମିଶ୍ର ଓଡ଼ିଶାର ଜଣେ ବିଶିଷ୍ଟ ବେହେଲାବାଦକ ରୂପେ ପରିଚିତ । ତାଙ୍କର ଜନ୍ମ କଟକ ଜିଲ୍ଲାର ଯାଜପୁର ସବ୍‌ଡିଭିଜନସ୍ଥ ଛତିଆ ଗ୍ରାମରେ । ତାଙ୍କର ପିତା ଶ୍ରୀଯୁକ୍ତ ବ୍ରହ୍ମାନନ୍ଦ ମିଶ୍ର ଜଣେ ସଙ୍ଗୀତପ୍ରେମୀ ବ୍ୟକ୍ତି ଥିଲେ । ପିଲାଟି ଦିନରୁ ବାପାଙ୍କ ପ୍ରେରଣାରେ ସେ ପ୍ରଥମେ ଗୁରୁ ୰ ଜିବମଞ୍ଜୁଳ କୃଷ୍ଣପ୍ରସାଦ ବସୁଙ୍କଠାରୁ ତବଲା ଶିକ୍ଷା ଆରମ୍ଭ କରିଥିଲେ । ତିନିବର୍ଷ ତବଲା ଶିକ୍ଷା ପରେ ଶ୍ରୀ ମିଶ୍ର ଦୁଇବର୍ଷ ଗୀତ ଏବଂ ପରେ ବେହେଲା ଶିକ୍ଷା ଆରମ୍ଭ କରିଥିଲେ । ତାପରେ କଟକ ଆସି ପ୍ରିୟନାଥ ମିଶ୍ର (ପୀରିବାବୁ) ଏବଂ ସାମୁଏଲ୍ ସାହୁ (ବାବିବାବୁ)ଙ୍କ ପ୍ରେରଣାରେ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ "ବି" ଗ୍ରୁପ୍‌ରେ ଯୋଗ ଦେଇଥିଲେ ।

କିଛିଦିନ ପରେ ସେ ୧୯୪୮ ମସିହାରେ ସୁନାମଧନ୍ୟ ବେହେଲା ବାଦକ ପଣ୍ଡିତ ଭୁବନେଶ୍ୱର ମିଶ୍ରଙ୍କଠାରୁ ଶିକ୍ଷାଲାଭ କଲେ ଏବଂ ୧୯୫୧ ମସିହାରେ 'ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ' ଛାଡ଼ି 'ଜନତା ରଙ୍ଗମଞ୍ଚ' ଏବଂ 'କଳାବିକାଶ କେନ୍ଦ୍ର' (ସେତେବେଳେ ଗଙ୍ଗାମଢରରେ ଥିଲା) ରେ ଶିକ୍ଷକ ଭାବରେ ଯୋଗ ଦେଇଥିଲେ । ୧୯୫୫ରେ କଳାବିକାଶ କେନ୍ଦ୍ର ତରଫରୁ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀରୁ ବୃତ୍ତି ପାଇ ଉଚ୍ଚତର ଶିକ୍ଷା ପାଇଁ ଲକ୍ଷ୍ନୌ ଗଲେ । ସେଠାରେ ସେ ଭାତଖଣ୍ଡେ ସଙ୍ଗୀତ ମହାବିଦ୍ୟାଳୟ "ମରିସ୍ କଲେଜ"ରେ କିଛିବର୍ଷ ଶିକ୍ଷାଲାଭ ପରେ ଭାରତର ବିଶିଷ୍ଟ ବେହେଲାବାଦକ ପଣ୍ଡିତ ଭି: ଜି: ଯୋଗଙ୍କଠାରୁ ଘରୋଇ (Private) ଭାବେ ଶିକ୍ଷାଲାଭ କରିଥିଲେ । ୧୯୫୮ ମସିହା ସ୍ନାତକ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ସଙ୍ଗୀତ ବିଶାରଦ (B. MJS) ଉପାଧି ପ୍ରାପ୍ତ ହୋଇ କଟକ ଫେରି ଆସିଥିଲେ । ସେହିବର୍ଷ ପୁନର୍ବାର କଳାବିକାଶ କେନ୍ଦ୍ରର ନୂତନ ଗୃହରେ ଶିକ୍ଷକତା କରିଥିଲେ । ତାଙ୍କର ବେହେଲାଶିକ୍ଷା ପାଇଁ କଟକ କଳାବିକାଶ କେନ୍ଦ୍ରର ପୂର୍ବତନ ସାଧାରଣ ସମ୍ପାଦକ ତଥା ପ୍ରତିଷ୍ଠାତା ୰ ବାବୁଲାଲ ଯୋଶୀଇର ଯଥେଷ୍ଟ ସାହାଯ୍ୟ ସ୍ମରଣ ଯୋଗ୍ୟ ।

Author Images reprocessed by srujanika@gmail.com

କଳାବିକାଶ କେନ୍ଦ୍ର, ବ୍ୟଷ୍ଟିତ ଉତ୍କଳ ସଙ୍ଗୀତ ସମାଜ, ନୃତ୍ୟକଳା ମଣ୍ଡପ, ରଘୁନାଥଜୀଉ ସଙ୍ଗୀତ ବିଦ୍ୟାଳୟ, ପ୍ରଗତି କଳା ମନ୍ଦିର ପ୍ରଭୃତି ସଙ୍ଗୀତ ଅନୁଷ୍ଠାନମାନଙ୍କରେ ଶିକ୍ଷକତା କରି ସେ ବେଶ୍ ସୁନାମ ଅର୍ଜନ କରିଛନ୍ତି । କିନ୍ତୁ କଳାବିକାଶ କେନ୍ଦ୍ରରେ ଦୀର୍ଘ ୨୫ ବର୍ଷ (୧୯୫୧ରୁ ୧୯୭୬) ଶିକ୍ଷକତା କରି ରେକର୍ଡ଼ ସୃଷ୍ଟି କରିଥିଲେ ।

ଏହା ବ୍ୟତୀତ ଶ୍ରୀ ମିଶ୍ର ଅନେକ ନୃତ୍ୟଶିଳ୍ପୀଙ୍କ ସହ ସହଯୋଗୀତା କରିଛନ୍ତି । ସେମାନେ ହେଲେ ପଦ୍ମଶ୍ରୀ ସଂଯୁକ୍ତା ପାଣିଗ୍ରାହୀ ଶ୍ରୀମତୀ କୁମ୍‌କୁମ୍ ମହାନ୍ତି, ଶ୍ରୀମତୀ ପ୍ରିୟମ୍ବଦା ମହାନ୍ତି, ଉପାଲି ଅପରାଜିତା କୁକୁମିନା, ନନ୍ଦିତା ଏବଂ ଆହୁରି ଅନେକ । ବିଦେଶୀ ନୃତ୍ୟ ଶିଳ୍ପୀମାନେ ହେଲେ ପେଟ୍ରୋସିଆ (ଆମେରିକା), ଆନନ୍ଦବୋଧା (ଆମେରିକା), ତାସ ମାଇକେଲ (ଫ୍ରାନ୍ସ୍), ଇଲିଆନା ସିତାରିଷ୍ଟି (ଇଟାଲୀ) ଏବଂ ପ୍ରେମା ବଣହସ (ଆମେରିକା) ।

ଶ୍ରୀ ମିଶ୍ର ସମଗ୍ର ଓଡ଼ିଶା ଏବଂ ଭାରତର ପ୍ରାୟ ଅଧିକାଂଶ ସ୍ଥାନରେ ନିଜର କଳା ପ୍ରଦର୍ଶନ କରି ସାରିଛନ୍ତି । ବେହେଲାରେ ଅପୂର୍ବ କୃତ୍ତି ପାଇଁ ଶ୍ରୀ ମିଶ୍ର ରାଜ୍ୟର ବିଭିନ୍ନ ସ୍ଥାନରୁ ସମ୍ମାନିତ ହୋଇଛନ୍ତି । ସେ ବହୁ ଓଡ଼ିଆ ଚଳଚ୍ଚିତ୍ରରେ ମଧ୍ୟ ସହଯୋଗୀତା କରିଛନ୍ତି । ସେ ୧୯୬୦ ମସିହାରୁ ଆକାଶବାଣୀ, କଟକ କେନ୍ଦ୍ରରେ ଆଜିପର୍ଯ୍ୟନ୍ତ ଦୀର୍ଘ ୩୨ ବର୍ଷ ହେଲା କାର୍ଯ୍ୟ କରି ଆସୁଛନ୍ତି । ତାଙ୍କର ଅନେକ ଛାତ୍ରଛାତ୍ରୀ ଆଜି ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ । ସେମାନଙ୍କ ମଧ୍ୟରେ ଶ୍ରୀ ପୂର୍ଣ୍ଣଚନ୍ଦ୍ର ସ୍ବାଇଁ ଆକାଶବାଣୀ ସମ୍ବଲପୁର, ଶ୍ରୀ ହେମନ୍ତ ତ୍ରିପାଠୀ ଜୟପୁର ଏବଂ ଶ୍ରୀ ନଟବର ମିଶ୍ର ସଙ୍ଗୀତ ଏବଂ ନାଟକ ଭବନ ଭୁବନେଶ୍ବରରେ ଅବସ୍ଥାପିତ ।

ଓଡ଼ିଶାର ସଙ୍ଗୀତ ଜଗତରେ ଶ୍ରୀ ନବଘନ ମିଶ୍ର ଜଣେ ସୁପରିଚିତ ଏବଂ ସଫଳ ବ୍ୟକ୍ତି । ସେହି ଶାନ୍ତ, ସରଳ, ମେଳାପୀ ସର୍ବୋପରି ବେହେଲାବାଦନ କ୍ଷେତ୍ରରେ ସୁପ୍ରସିଦ୍ଧ କଳାକାର ଶ୍ରୀ ମିଶ୍ରଙ୍କ ପକ୍ଷରେ ବିଳମ୍ବିତ ହେଲେ ମଧ୍ୟ "ସରଳ ବେହେଲାବାଦନ ଶିକ୍ଷା" ପୁସ୍ତକ ରଚନା କରିବା ଏକ ପ୍ରଶଂସନୀୟ ଆନ୍ତରିକ ଉଦ୍ୟମ । ସଙ୍ଗୀତ ସାଗର

Author Images reprocessed by srujanika@gmail.com

ବେଳାଭୂମିରେ ପ୍ରବେଶ କରିବାକୁ ବେହେଲାବାଦନ ଶିକ୍ଷାର୍ଥୀମାନଙ୍କୁ ତାଙ୍କର ଏହା ଏକ ଅନବଦ୍ୟ ଉପହାର କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଶ୍ରୀଯୁକ୍ତ ନବଘନ ମିଶ୍ରଙ୍କ ଭଳି ଜଣେ ସୁପ୍ରତିଷ୍ଠିତ ସୁପ୍ରସିଦ୍ଧ ସଙ୍ଗୀତଶିଳ୍ପୀଙ୍କ ପାଇଁ ମୋ ଭଳି ଜଣେ ଅନାମଧେୟ କଳାପ୍ରେମୀ ପକ୍ଷରେ ମୁଖବନ୍ଧ ଲେଖିବା ଧୃଷ୍ଟତା ହେଲେ ମଧ୍ୟ ପରମ ସୌଭାଗ୍ୟର ବିଷୟ । ତେଣୁ ମୁଁ ତାଙ୍କଠାରେ କୃତଜ୍ଞ ।

ସ୍ବା—ଡଃ ବ୍ରଜବିହାରୀ ମିଶ୍ର
ତା ୮ । ୯ । ୯୨
ସୁଜଆଁ , କଟକ

Author Images reprocessed by srujanika@gmail.com

ବେହେଲାର ଜନ୍ମ ବା ଇତିହାସ

ଭାରତରେ ବେହେଲା ଆଜକାଲି ଅତ୍ୟନ୍ତ ଲୋକପ୍ରିୟ ବାଦ୍ୟ ଅଟେ । ଏହି ବାଦ୍ୟଯନ୍ତ୍ରର ଲୋକପ୍ରିୟତା ସଙ୍ଗୀତର ସବୁକ୍ଷେତ୍ର ଯଥା —ଶାସ୍ତ୍ରୀୟ, ଚଳଚ୍ଚିତ୍ର, ଲୋକସଙ୍ଗୀତ, ବାଦ୍ୟବୃନ୍ଦରେ ସମାନ ଭାବରେ ରହିଅଛି । ପାଶ୍ଚାତ୍ୟ ବାଦ୍ୟଯନ୍ତ୍ର ବହୁତ ଅଛି । କିନ୍ତୁ ବେହେଲା ଏପରି ଏକ ବାଦ୍ୟ ଯାହାକି ଭାରତୀୟସଙ୍ଗୀତରେ ଏକ ବିଶେଷ ଭୂମିକା ଗ୍ରହଣ କରିଅଛି । ବେହେଲାରେ ପାଶ୍ଚାତ୍ୟ ସଙ୍ଗୀତ ସମ୍ପୂର୍ଣ୍ଣ ଭାବରେ ପ୍ରକାଶ ପାଉଥିଲେ ମଧ୍ୟ ବେହେଲା ବିଦେଶୀ ବାଦ୍ୟ ନୁହେଁ । ପୂର୍ବ ଅନୁମାନ ଏବଂ ପ୍ରତ୍ୟକ୍ଷ ପ୍ରମାଣକୁ ଭିତ୍ତିକରି କୁହାଯାଇ ପାରେ ଯେ ବେହେଲାର ଜନ୍ମ ଭାରତରେ ଏବଂ ଏହା ଏକ ଭାରତୀୟ ବାଦ୍ୟ । ହିନ୍ଦୀ ଭାଷାରେ ବେହେଲାକୁ "ବେଲା" ବୋଲି ମଧ୍ୟ କୁହାଯାଏ ।

ବୀଣାକୁ ଭାରତୀୟ ତାର ବାଦ୍ୟର ଜନନୀ କୁହାଯାଇ ଅଛି । ବୀଣା ଅନେକ ପ୍ରକାର । ପ୍ରତିକୂଳ ପରିସ୍ଥିତିରେ ଅନେକ ପ୍ରକାରର ବୀଣା ଲୁପ୍ତ ହୋଇଗଲା । ଫଳରେ ଭାରତୀୟ ବାଦ୍ୟର ସଂଖ୍ୟା କ୍ରମଶଃ ହ୍ରାସ ପାଇବାରେ ଲାଗିଲା । ଏହି କାରଣରୁ ଅନେକ ଆଧୁନିକ ବାଦ୍ୟ ଯାହାର ମୂଳ ଆଧାର ଭାରତୀୟ, କାଳକ୍ରମେ ଭାରତୀୟ ବାଦ୍ୟର ଅଭାବରେ ସେ ସବୁକୁ ବିଦେଶୀବାଦ୍ୟ ବୋଲି କୁହାଗଲା ।



ଛତିଶଗଡ଼ ବାନାର ଛବି

Author Images reprocessed by srujanika@gmail.com

ଗଜ ବା ଛଡ଼ଦ୍ୱାରା ବଜାଯାଉଥିବା ବାଦ୍ୟ ବେହେଲା ସମ୍ବନ୍ଧରେ ଉତ୍ତର କରିବା ସମୟରେ ଆମକୁ ପ୍ରଥମେ ଦେଖିବାକୁ ହେବ ଯେ ବାଦନ କରିବା ପାଇଁ ସର୍ବପ୍ରଥମେ ଗଜର ପ୍ରୟୋଗ କେଉଁ ଦେଶରେ ହୋଇଥିଲା । କେଉଁ ଦୁଇଟି ଜିନିଷର ଘର୍ଷଣରେ ଶବ୍ଦ ଉତ୍ପନ୍ନ ହେଉଅଛି । ଏହି ସିଦ୍ଧାନ୍ତ ଅନୁଯାୟୀ ଗଜଦ୍ୱାରା ବାଜୁଥିବା ବାଦ୍ୟଦ୍ୱାରା ପୂର୍ବ କୋଣରେ ବାଜୁଥିବା ବାଦ୍ୟ ନିର୍ମାଣ ହେଲା ।

ଆହୁରି ମଧ୍ୟ ଜାଣିବାକୁ ମିଳିଲା ଯେ ଗଜଦ୍ୱାରା ବାଜୁଥିବା କୌଣସି ଏକ ବାଦ୍ୟ ଭାରତର ଶ୍ରୀଲଙ୍କା ଦ୍ୱୀପରେ ଆଜକୁ ପ୍ରାୟ ୩୫୦୦ ବର୍ଷ ପୂର୍ବେ ପ୍ରଚଳିତ ଥିଲା । ଭାରତ ବାହାରେ ଗଜଦ୍ୱାରା ବାଜୁଥିବା ବାଦ୍ୟର ପ୍ରୟୋଗ ଆରବରେ ମଧ୍ୟ ହୋଇଥିଲା । 'ରବାବ୍' ନାମକ ବାଦ୍ୟ ଛଡ଼ଦ୍ୱାରା ବଜା ଯାଉଥିଲା । ତାପରେ ତୁର୍କି ଏବଂ ଆଫଗାନିସ୍ଥାନରେ ଏହାର ପ୍ରସାର ହୋଇଥିଲା । ଏହାକୁ 'ଗଜାକ୍' କୁହାଯାଉଥିଲା । ଏହିସବୁ ତଥ୍ୟରୁ ସ୍ପଷ୍ଟ ପ୍ରମାଣ ହୁଏ ଯେ ଗଜ ବା ଛଡ଼ର ସର୍ବପ୍ରଥମ ବ୍ୟବହାର ଭାରତରେ ହୋଇଥିଲା ।

'ବେବାର୍'ର ଚିତ୍ର

Author Images reprocessed by srujanika@gmail.com

ବେହେଲା ଭଳି 'ସରଙ୍ଗୀ' ଏବଂ 'ବାନା' ପ୍ରଭୃତି ବାଦ୍ୟ ଆଜି ମଧ୍ୟ-ପ୍ରଦେଶର ଛତିଶଗଡ଼ରେ ଦେଖିବାକୁ ମିଳେ । ଏହି ବାଦ୍ୟ ହଜାର ହଜାର ବର୍ଷର ପୁରାତନ ଅଟେ । ଛତିଶଗଡ଼ରେ 'ଦେବାର' ନାମକ ଏକ ଜାତି ଗ୍ରାମ ବାହାରେ କୁଡ଼ିଆ ଘରେ ବସବାସ କରନ୍ତି ଏବଂ ସରଙ୍ଗୀ ବଜାନ୍ତି । ଏହି ସରଙ୍ଗୀର ନାମ 'ଦେବାର' । ମନୁସ୍ମୃତିରେ ଦେବାର ଜାତିର ଚଳଣୀ ବର୍ଣ୍ଣନା କରାଯାଇଅଛି । କୁହାଯାଇ ପାରେ ଯେ ସରଙ୍ଗୀ ଅପେକ୍ଷା 'ବାନା'ର ରୂପ ଅଧିକ ବିଜ୍ଞାନସମ୍ମତ ଏବଂ ଉନ୍ନତ ଧରଣର । ଏହାକୁ ଦେଖିବାମାତ୍ରେ ମନରେ ସନ୍ଦେହ ହୁଏ ଯେ ବେହେଲା, 'ବାନା'ର ରୂପାନ୍ତର ମାତ୍ର । 'ବାନା'ର ଦୁଇଗୋଟି ତାର, ସ୍ୱରପେଟିକା, ସେତୁ ଇତ୍ୟାଦି ବେହେଲା ସଦୃଶ । ସ୍ଥଳ ବିଶେଷରେ 'ବାନା'ରେ ତାର ବଦଳରେ ଘୋଡ଼ାବାଳ ବ୍ୟବହୃତ ହୋଇଥାଏ । କେତେକ 'ବାନା'ରେ ତିନିଗୋଟି ତାର ମଧ୍ୟ ଥାଏ । ଅତଏବ ନିଃସନ୍ଦେହରେ କୁହାଯାଇ ପାରେ ଯେ ବେହେଲା ଭାରତୀୟ ବାଦ୍ୟ ଅଟେ । ଅବଶ୍ୟ ଏହାର ଆଧୁନିକ ଗଠନ ଶୈଳୀରେ ପାଶ୍ଚାତ୍ୟ ଦେଶର ଆଂଶିକ ପ୍ରଭାବ ପଡ଼ିଅଛି ।

ପାଶ୍ଚାତ୍ୟ ଦେଶରେ ବେହେଲାର କ୍ରମବିକାଶ ।

ପାଶ୍ଚାତ୍ୟ ସଙ୍ଗୀତରେ ବେହେଲାର ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଛି । ଅନ୍ୟ କୌଣସି ପାଶ୍ଚାତ୍ୟ ବାଦ୍ୟ ବେହେଲା ସହିତ ସମକକ୍ଷ ନୁହେଁ । ବିଶିଷ୍ଟ ସଙ୍ଗୀତଜ୍ଞ ବାଥୋଭେନ୍ ବେହେଲା ବଜାଇବା ଶୈଳୀ ଏବଂ ଏହାର ପ୍ରଚାର ପାଇଁ ବିଶେଷ ସହାୟତା କରିଥିଲେ । ଆଜିର ବିଶ୍ୱବିଖ୍ୟାତ ସଙ୍ଗୀତଜ୍ଞ ଶ୍ରୀ ୟୁହୁଦୀ ମେନ୍‌ହୁନ ପାଶ୍ଚାତ୍ୟ ବେହେଲାବାଦକ ରୂପେ ସୁପରିଚିତ ।

ଯଦିଓ ବେହେଲାର ଆବିଷ୍କାର ଭାରତରେ ହୋଇଥିଲା କିନ୍ତୁ ଏହାର ବିକାଶ ତଥା ଲୋକପ୍ରିୟତା ପାଇଁ ପଶ୍ଚିମ ଦେଶଗୁଡ଼ିକର ସହଯୋଗ ଉଲ୍ଲେଖ ଯୋଗ୍ୟ । କେବଳ ଭାରତରେ ସ୍ୱତନ୍ତ୍ର ଢଙ୍ଗରେ ବେହେଲା ବଜାଯାଏ । ଏହାଛଡ଼ା ପ୍ରାୟ ସମସ୍ତ ଦେଶଗୁଡ଼ିକରେ ପାଶ୍ଚାତ୍ୟ ଢଙ୍ଗରେ ବେହେଲା ବାଦନ କରାଯାଇଥାଏ । ପୂର୍ବରୁ, ବେହେଲା ବହୁତ ଶ୍ରେଷ୍ଠ ଥିଲା ଏବଂ ଆକର୍ଷଣୀୟ ନଥିଲା ଏହାକୁ "ଫିଡ଼ଲ୍" (Fiddle) କୁହାଯାଉଥିଲା ।

Author Images reprocessed by srujanika@gmail.com

କିନ୍ତୁ ପରବର୍ତ୍ତୀକାଳରେ ଏହା ବୈଜ୍ଞାନିକ ଢଙ୍ଗରେ ନିର୍ମାଣ ହୋଇ ତାହା "ଭାଓଲ୍" (Viol) ନାମରେ ପରିଚିତ ହୋଇଥିଲା । "ଭାଓଲ୍"ରୁ ଏହା କାଳକ୍ରମେ "ଭାଓଲିନ୍" (Violin) ନାମରେ ନାମିତ ହେଲା ।

ଆଜିକାଲି ବେହେଲା ନିର୍ମାଣ କ୍ଷେତ୍ରରେ ଇଟାଲୀର ବେହେଲା ପୃଥିବୀ ପ୍ରସିଦ୍ଧ । ଏହାଛଡ଼ା ଜର୍ମାନୀ, ଫ୍ରାନସ୍, ଇଂଲଣ୍ଡ ପ୍ରଭୃତି ଦେଶ ମଧ୍ୟ ଉତ୍କୃଷ୍ଟ ଧରଣର ବେହେଲା ପ୍ରସ୍ତୁତ କରୁଛନ୍ତି । କିନ୍ତୁ ଇଟାଲୀର ସ୍ଥାନ ସର୍ବପ୍ରଥମ ।

ଭାରତୀୟ ବାଦ୍ୟର ବର୍ଗୀକରଣ

ଆମର ପ୍ରାଚୀନ ସଙ୍ଗୀତ ଆଚାର୍ଯ୍ୟ ମାନେ ଭାରତୀୟ ବାଦ୍ୟକୁ ୪ ଭାଗରେ ବିଭକ୍ତ କରିଅଛନ୍ତି । ଯଥା—ତତ୍ ବାଦ୍ୟ, ସୁଷୀର ବାଦ୍ୟ, ଅବନଦ୍ଧ ବାଦ୍ୟ ଏବଂ ଘନ ବାଦ୍ୟ ।

ତତ୍ ବାଦ୍ୟ : ତାରଦ୍ୱାରା ଯେଉଁ ବାଦ୍ୟର ସ୍ୱର ଉତ୍ପତ୍ତି ହୁଏ ସେ ସବୁ ବାଦ୍ୟ ତତ୍ ବାଦ୍ୟ ନାମରେ ପରିଚିତ । ବେହେଲା, ବୀଣା, ଗୀଟାର୍, ଇସ୍‌ରାଜ, ସାରଙ୍ଗୀ ପ୍ରଭୃତି ଏହାର ଅନ୍ତର୍ଭୁକ୍ତ ।

ସୁଷୀର ବାଦ୍ୟ : ଯେଉଁ ବାଦ୍ୟ ପବନ ବା ବାୟୁର ସହାୟତାରେ ବାଜିଥାଏ କିମ୍ବା ଫୁଙ୍କିବାଦ୍ୱାରା ଯେଉଁ ବାଦ୍ୟରୁ ସ୍ୱର ଉତ୍ପନ୍ନ ହୋଇଥାଏ ତାହାକୁ ସୁଷୀର ବାଦ୍ୟ କୁହାଯାଏ । ବଂଶୀ, ସାହାନାଇ, ନାଗସ୍ୱର ପ୍ରଭୃତି ଏହି ବାଦ୍ୟର ଅନ୍ତର୍ଭୁକ୍ତ ।

ଅବନଦ୍ଧ ବାଦ୍ୟ : ଚମଡ଼ା ଜାତୀୟ ବାଦ୍ୟକୁ ଅବନଦ୍ଧ ବାଦ୍ୟ କୁହାଯାଏ । ତାଳ ବାଦନ ଏବଂ ଲୟ ବିସ୍ତାର ଏହି ବାଦ୍ୟର ମୁଖ୍ୟ ବିଷୟ ଅଟେ । ତବଲା, ପଖଉଜ, ମୃଦଙ୍ଗ, ଢୋଲକ ଇତ୍ୟାଦି ଏହି ଶ୍ରେଣୀୟ ଅଟେ ।

ଘନବାଦ୍ୟ : ଦୁଇଟି ବସ୍ତୁର ପରସ୍ପର ଆଘାତରେ ଯେଉଁ ସ୍ୱର ଉତ୍ପନ୍ନ ହୁଏ ତାହାକୁ ଘନବାଦ୍ୟ କୁହାଯାଏ । ଘଣ୍ଟା, ମଂଜିରା, ଝାଂଜ, ଜଳତରଙ୍ଗ, କାଷ୍ଠତରଙ୍ଗ, ଆଦି ଘନବାଦ୍ୟ ଅଟେ । ଶାସ୍ତ୍ରୀୟ ସଙ୍ଗୀତରେ ଏହି ବାଦ୍ୟର ଆବଶ୍ୟକତା ପ୍ରାୟ ନ ଥାଏ । ବେଳେବେଳେ ନୃତ୍ୟ ସଙ୍ଗୀତ ଏହାର ବ୍ୟବହାର ହୋଇଥାଏ ।

Author Images reprocessed by srujanika@gmail.com





ବେହେଲାର ଭିନ୍ନ ଅଂଗର ନାମ (ଇଂରାଜୀରେ)

୧) ସ୍କ୍ରୋଲ୍
୨) ପେଗ୍
୩) ନେକ୍
୪) ଫିଙ୍ଗର ବୋର୍ଡ଼
୫) ନଟ୍
୬) ବ୍ରିଜ୍
୭) ସାଉଣ୍ଡହୋଲ୍
୮) ଟେଲ୍‌ପିସ୍
୯) ବେଲି
୧୦) ରିବସ୍
୧୧) ବଟମ୍
୧୨) ଆଡ୍‌ଜଷ୍ଟର
୧୩) ସାଉଣ୍ଡପୋଲ୍
୧୪) ଚିନ୍‌ରେଷ୍ଟ
୧୫) ବ୍ୟାକ୍

ଗଜ ବା ଛଡ଼ିର ଅଂଗ

୧) ଷ୍ଟିକ୍
୨) ହେୟାର
୩) ସ୍କ୍ରୁ
୪) ନଟ୍
୫) ପାଇଣ୍ଟ ବା ବୋ ହେଡ୍

Author Images reprocessed by srujanika@gmail.com

ସ୍ୱରଲିପି ଚିହ୍ନ ପରିଚୟ

ପ : ଯେଉଁ ସ୍ୱରରେ ଉପରେ ବା ତଳେ କୌଣସି ଚିହ୍ନ ନ ଥାଏ ସେ ମଧ୍ୟ ସପ୍ତକ ଶୁଦ୍ଧସ୍ୱର ।

ଧ : ଯେଉଁ ସ୍ୱରର ତଳେ ଏହିପରି ଗାର ଥାଏ, ସେ କୋମଳ ସ୍ୱର କିନ୍ତୁ କୋମଳ ମଧ୍ୟମରେ କିଛି ଚିହ୍ନ ନ ଥାଏ । କାରଣ କୋମଳ ମଧ୍ୟମକୁ ଶୁଦ୍ଧ ମଧ୍ୟମ କୁହନ୍ତି ।

ମ' : ତୀବ୍ର ମଧ୍ୟମ ଏହି ପ୍ରକାର ଲେଖାହୁଏ ।

ନ଼ : ଯାହାର ତଳେ ବିନ୍ଦୁ ଥାଏ ସେ ପ୍ରଥମ ସପ୍ତକ ବା ମନ୍ଦ୍ରସପ୍ତକ ।

ଗ' : ଉପରେ ବିନ୍ଦୁ ଥିଲେ ତାର ସପ୍ତକକୁ ବୁଝାଏ ।

ପ — : ଯେଉଁ ସ୍ୱର ଆଗରେ ଯେତୋଟି ଗାର ଥିବ ତାହାକୁ ସେତିକି ମାତ୍ରା କରି ବଜାଇବା ଆବଶ୍ୟକ ।

ରS : ଯେଉଁ ଅକ୍ଷର ଆଗରେ S ଚିହ୍ନ ଥିବ ତାହାକୁ ସେତିକି ମାତ୍ରାକରି ବଜାଇବା ଆବଶ୍ୟକ ।

, : ଏ ଚିହ୍ନ ସ୍ୱରଲିପିରେ ଅଲଗା ଅଲଗା ଟୁକୁଡ଼ା ଦେଖାଏ ।

⌒ : ସ୍ୱରରେ ଏପରି ଚିହ୍ନ ମିଣ୍ଡର ଚିହ୍ନ । ଏ ଚିହ୍ନ ଯେଉଁ ସ୍ୱରରୁ ଯେଉଁ ସ୍ୱର ପର୍ଯ୍ୟନ୍ତ ଥିବ, ତାହା ମିଣ୍ଡରେ ବାଜିବ ।

( ) : ଯେଉଁ ସ୍ୱର ଏହି ପ୍ରକାର ବନ୍ଧନୀ ଭିତରେ ଥିବ ତାହାର ଆଗ ଏବଂ ପଛ ସ୍ୱର ବାଜିବ । ଯଥା—(ପ) ଧ ପ ମ ପ, (ମ) ପ ମ ଗ ମ ଏହିପରି ୪ଗୋଟି ସ୍ୱରକୁ ଏକ ମାତ୍ରାରେ ବଜାଇବାକୁ ହୁଏ ।

ପଧ : ଯେଉଁଠି ଦୁଇରୁ ଅଧିକ ସ୍ୱର ଥାଏ ତାହା ଏକ ମାତ୍ରାରେ ବାଜେ ।

Author Images reprocessed by srujanika@gmail.com

କେତେକ ଆବଶ୍ୟକ କଥା

୧) ବେହେଲା ଶିଖିବାକୁ ଇଚ୍ଛୁକ ବିଦ୍ୟାର୍ଥୀମାନେ ବେହେଲା ଶିଖିବା ପୂର୍ବରୁ କିଛି ତାଳ ଜ୍ଞାନ ଏବଂ ସ୍ୱର ଜ୍ଞାନ ବିଷୟରେ ଜାଣିବା ନିହାତି ଆବଶ୍ୟକ । ଅଧିକ ନ ହେଲେ ମଧ୍ୟ ଅନ୍ତକମ୍‌ରେ ୪ ଗୋଟି ତାଳର ଠେକା ମନେ ରଖିବା ଦରକାର । ଯଥା—କହରବା, ଦାଦରା, ତ୍ରିତାଳ ଏବଂ ଝାମ୍ପତାଳ ।

୨) ଅଭ୍ୟାସ କରିବା ପୂର୍ବରୁ ୪ଟିଯାକ ତାର ଠିକ୍ ଠିକ୍ ସ୍ୱରରେ ଭଲ ଭାବରେ ମିଶାଇ ଦେବା ଆବଶ୍ୟକ । ମିଶାଇବା ପାଇଁ ହାରମୋନିୟମର ସାହାଯ୍ୟ ନେଇ ପାରନ୍ତି । ଯଦି ତାର ଠିକ୍‌ରେ ନ ମିଶିବ ତେବେ ଆରମ୍ଭରୁ ହାତ ବିଗିଡ଼ିଯିବ ଏବଂ ସ୍ୱର ବେସୁରା ବାଜିବ ।

୩) ନୂଆକରି ଆରମ୍ଭ କରୁଥିବା ବିଦ୍ୟାର୍ଥୀମାନେ ପ୍ରଥମେ ବିଲମ୍ବିତ ଲୟରେ ଅଭ୍ୟାସ କରିବା ଉଚିତ୍ । ପ୍ରଥମରୁ ଦ୍ରୁତ ଲୟରେ ବଜାଇଲେ ହାତ ବିଗିଡ଼ି ଯାଇଥାଏ ।

୪) ଗଜ ବା ଛଡ଼ି ଠିକ୍ ଯାଗାରେ ସର୍ବଦା ସିଧା ଚଳାଇବା ଆବଶ୍ୟକ ଏବଂ ଗଜର କେଶ ବେଶୀ ଢ଼ିଲା ହେବ ନାହିଁ କିମ୍ବା ବେଶୀ ଦୃଢ଼ (Tight) ହେବ ନାହିଁ ।

୫) ଗଜ ବା ଛଡ଼ିର କେଶ ଉପରେ ରଜନ (ଅଠା) ନ ଲଗାଇ ବ୍ୟବହାର କରିବା ଉଚିତ ନୁହେଁ ।

୬) ହସ୍ତସାଧନକୁ ଭଲ ଭାବରେ ଅଭ୍ୟାସ କରିବା ଆବଶ୍ୟକ । ତାପରେ ଅଳଙ୍କାର ସବୁ ଅଭ୍ୟାସ କରାଯାଏ । ମିଡ଼୍ କାମ ପାଇଁ ବହୁତ ଅଭ୍ୟାସ ବା ରିଆଜ୍ ଆବଶ୍ୟକ । ବେହେଲାର ସୁନ୍ଦରତା ମିଡ଼୍ ଉପରେ ହିଁ ନିର୍ଭର କରିଥାଏ ।

୭) ଅଭ୍ୟାସ କରିବା ପାଇଁ ସକାଳ ସମୟ ସର୍ବୋତ୍କୃଷ୍ଟ । କାରଣ ଏହି ସମୟରେ ହାତ ନରମ ଥାଏ । ଏକ ସମୟରେ ଦେଢ଼ଘଣ୍ଟା ଅଭ୍ୟାସ କରି-ପାରିଲେ ଭଲ । ନଚେତ୍ ଅଧଘଣ୍ଟା ଲେଖାଏଁ ତିନଥର ଅଭ୍ୟାସ କରିବା ନିହାତି ଜରୁରୀ ।

Author Images reprocessed by srujanika@gmail.com

ନିୟମ ଅନୁଯାୟୀ ଧୈର୍ଯ୍ୟର ସହିତ ଅଭ୍ୟାସ କଲେ ନିଶ୍ଚୟ ସଫଳତା ମିଳିଥାଏ । କୌଣସି କଥା ବୁଝିବାର ଅସୁବିଧା ହେଲେ ତାହା ଥରକୁ ଦୁଇ-ତିନି ଥର ପଠନ କରିବା ଉଚିତ୍ ।

ବାଦକର ଗୁଣଦୋଷ

ନିର୍ଦୋଷ ବାଦନ ସବୁଠାରୁ ଶ୍ରେଷ୍ଠତର । ଆରମ୍ଭ କାଳରୁ ହିଁ ଗୁଣଦୋଷକୁ ଧ୍ୟାନ ରଖି ବଜାଇଲେ ନିର୍ଦୋଷ ବାଦନ ସମ୍ଭବ ହୋଇଥାଏ । ବିଦ୍ୟାର୍ଥୀମାନେ ଏଥିପ୍ରତି ସତର୍କ ରହିବା ଉଚିତ ।

ବାଦକର ଗୁଣ

କ) ଗାଇବାର ଜ୍ଞାନ ରହିବା ଆବଶ୍ୟକ । ଏହି ଜ୍ଞାନରୁ ସ୍ୱର ଜ୍ଞାନ, ତାଳଜ୍ଞାନ ଏବଂ ଲୟଜ୍ଞାନ ମିଳିଥାଏ ।

ଖ) ବାଦକ ଗୋଟିଏ ଆସନ ଉପରେ ବସି ଅଭ୍ୟାସ କରିବା ଆବଶ୍ୟକ । ଏଥିରେ ବାଦନର ଏକାଗ୍ରତା ରହିଥାଏ । ବାରମ୍ବାର ଆସନ ପରିବର୍ତ୍ତନ ଦ୍ୱାରା ମାନସିକ ବ୍ୟଗ୍ରତା ବଢ଼ିଥାଏ ।

ଗ) କେଉଁ ସମୟରେ କେଉଁ ସ୍ୱର ସମୂହ ଗମକ, ତାନ ଇତ୍ୟାଦିରେ ବ୍ୟବହାର କରାଯାଉଛି ତାହାର ଜ୍ଞାନ ରହିବା ଆବଶ୍ୟକ ।

ଘ) ଅନୁକରଣ ଶକ୍ତି ରହିବା ଆବଶ୍ୟକ । ଗାୟକର ଗାଇବା ସ୍ୱରକୁ ନିଜବାଦ୍ୟ ମାଧ୍ୟମରେ ବଜାଇବା ଶକ୍ତିକୁ ଅନୁକରଣ ଶକ୍ତି କୁହାଯାଏ ।

ଙ) ଅନ୍ୟ ବାଦ୍ୟ ବିଷୟରେ ସମ୍ୟକ ଜ୍ଞାନ ରହିବା ଆବଶ୍ୟକ ।

ଚ) ନିଜର ବାଦନ ଶୈଳୀ ମଧୁର ହେବା ଉଚିତ । ସ୍ୱର, ତାଳ, ଲୟ ଯୁକ୍ତ ଯୋଗ୍ୟତାପୂର୍ଣ୍ଣ ବାଦନ ମଧ୍ୟ ମଧୁରତା ଅପେକ୍ଷା ଶ୍ରୀହୀନ ହୋଇଥାଏ ।

Author Images reprocessed by srujanika@gmail.com

ଛ) ବାଦନ କରିବା ସମୟରେ ସାବଧାନ ରହିବା ଆବଶ୍ୟକ । ଅସାବଧାନତାରୁ ସ୍ୱରର ଅନୁଚିତ ବ୍ୟବହାର, ରାଗର ବିକୃତି, ତାଳ-ହୀନତା ଏବଂ ସ୍ୱର ହୀନତା ପ୍ରଭୃତି ଘଟିଥାଏ ।

ଜ) ଯନ୍ତ୍ର ସ୍ୱଭାବର ସରଳତା ଏବଂ ମଧୁରତା, ସ୍ୱରର ସରଳତା ଏବଂ ମଧୁରତାକୁ ସାହାଯ୍ୟ କରିଥାଏ । ରୁକ୍ଷ ସ୍ୱଭାବର ବାଦକର ବାଦନ କେବେହେଲେ ସରଳ ଏବଂ ମଧୁର ହୋଇପାରିବ ନାହିଁ ।

ବାଦକର ଅବଗୁଣ

କ) ବେସୁରା—ଉଚିତ ସ୍ୱରରେ ନ ବଜାଇବା ।

ଖ) ବେତାଳ—ତାଳ, ଲୟ, ସମ୍ ମାତ୍ରା ଉପରେ ଧ୍ୟାନ ନ ରଖି ବଜାଇବ ।

ଗ) ଆଳସ୍ୟ—ଅଭ୍ୟାସ କରିବାରେ ହେଳା କରିବା ।

ଘ) ଅଙ୍ଗ-ବିକୃତି—ବାଦନ କରିବା ସମୟରେ ମୁହଁର ବିକୃତି, ହାତ-ଗୋଡ଼ ହଲାଇବା ଏବଂ ବିଭିନ୍ନ ପ୍ରକାରର ନାଟକୀୟ ଢ଼ଙ୍ଗରେ ଅଙ୍ଗଭଙ୍ଗୀ କରିବା ।

ଙ) ଅନାବଶ୍ୟକୀୟ ଲୟକାରୀ—ଆବଶ୍ୟକ ଠାରୁ ଅଧିକ ଲୟକାରୀ କରିବା । ଏହାଦ୍ୱାରା ଗତର ସ୍ୱଭାବ ନଷ୍ଟ ହୁଏ ଏବଂ ବାଦନ ନିରସ ହୁଏ ।

ଚ) ନିରସ—ମଧୁରତାହୀନ, ବୁଦ୍ଧିହୀନ ବାଦନ ।

ବାଦକର ଗୁଣକୁ ଗ୍ରହଣ କରି, ଅବଗୁଣକୁ ତ୍ୟାଗକରିବା ଦିଗରେ ସଦାସର୍ବଦା ଯତ୍ନଶୀଳ ହେବା ଆବଶ୍ୟକ ।

ଗଜ ବା ଛଡ଼ି ଚଳାଇବାର ବିଧି

ଗଜ ଚଳାଇବାର ପୂର୍ଣ୍ଣ ଅଭ୍ୟାସ ହେଲାପରେ ବେହେଲା ଉପରେ ପୂର୍ଣ୍ଣ ଅଧିକାର ଆସେ । ପ୍ରଥମେ ପେଚକୁ ଘୁରାଇ ଗଜର କେଶକୁ ଠିକ୍ କରିବା ଉଚିତ । କେଶ ଯେପରି ଅଧିକ ଦୃଢ଼ କିମ୍ବା ଅଧିକ ଢିଲା ନ ହୁଏ । ଏଥିପ୍ରତି ଦୃଷ୍ଟି ରଖିବା ନିହାତି ଆବଶ୍ୟକ ।

Author Images reprocessed by srujanika@gmail.com

ତ'ପରେ ବେହେଲା ତାରକୁ ମିଶାଇ ନେବା ଆବଶ୍ୟକ ହୋଇଥାଏ । ତାର (String) ଉପରେ ପୂର୍ବ ଗଜ ଚଲାଇ ଦେଖିବା ଉଚିତ । ପ୍ରଥମେ ବାମ ପାଖରୁ ଡାହାଣକୁ ଏବଂ ତାପରେ ଡାହାଣ ପାଖରୁ ବାମକୁ ଏହିପରି ପ୍ରତ୍ୟେକ ତାର ଠିକ୍ ସ୍ୱରରେ ଅଛି କମ୍ବା ନାହିଁ ଦେଖିନେବା ଉଚିତ୍ ।

ବେହେଲା ବାଦନର ଆରମ୍ଭ ପଦ୍ଧତି

ଉଦାହରଣ— ମ ମ   ସ ସ   ପ ପ   ର ର

ସ୍ୱରଜ୍ଞାନ ହେଲାପରେ ପ୍ରତ୍ୟେକ ସ୍ୱରକୁ ଏକ ଏକ ଗଜରେ ବଜାଇବାକୁ ଚେଷ୍ଟା କରିବା ଏବଂ ଲୟ ଉପରେ ଏହି ଛନ୍ଦକୁ ଅଭ୍ୟାସ କରିବାକୁ ହୁଏ । ସମୟକୁ ଠିକ୍ ରଖିବା ପାଇଁ ଘଣ୍ଟାର ଟିକ୍ ଟିକ୍ ଶବ୍ଦ ସାଙ୍ଗରେ ନଚେତ୍ "ମେଟ୍ରୋନୋମ୍" ସାଙ୍ଗରେ ଅଭ୍ୟାସ କରିବା ସବୁଠାରୁ ଭଲ ।

ସଗ	ରମ	ଗପ	ମଧ	ପନ	ଧସ
ସଧ	ନପ	ଧମ	ଗପ	ମର	ଗସ

Author Images reprocessed by srujanika@gmail.com

ତାର ବାନ୍ଧିବାର କୌଶଳ

ବେହେଲାରେ ସାଧାରଣତଃ ୪ଟି ତାର (String) ଥାଏ ।

୪ର୍ଥ ୩ୟ ୨ୟ ୧ମ

୪ର୍ଥ	ତାରର	ନାମ	ଜ—G
୩ୟ	,,	,,	ଡ—D
୨ୟ	,,	,,	ଏ—A
୧ମ	,,	,,	ଇ—E

ଆଜକାଲ ସାଧାରଣତଃ ଦୁଇ ପ୍ରକାର ଶୈଳୀରେ ବେହେଲା ବନ୍ଧା ଯାଉଅଛି । ତାହା ନିମ୍ନରେ ଦର୍ଶାଯାଇଛି ।

୧ମ ପ୍ରକାର—ଉତ୍ତର ଭାରତ—

G	ପ̣
D	ସ
A	ପ
E	ସ̇

୨ୟ ପ୍ରକାର—ଦକ୍ଷିଣ ଭାରତ—

G	ସ̣
D	ପ̣
A	ସ
E	ପ

ବେହେଲା ବାଦନର ପାଶ୍ଚାତ୍ୟ ପଦ୍ଧତି

Author Images reprocessed by srujanika@gmail.com

୩ୟ ପ୍ରକାର—ପାଶ୍ଚାତ୍ୟ—

G	ମ̣
D	ସ
A	ପ
E	ଋ°

୪ର୍ଥ ପ୍ରକାର—ସନ୍ଦନ—

G	ପ̣ ବା ମ̣
D	ସ
A	ପ
E	ଋ°

ଏହି ପ୍ରକାର ତାରକୁ ପରସ୍ପର ମଧ୍ୟରେ ସମାନତା ରକ୍ଷା କରି ବନ୍ଧାଯାଏ । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ—ଆଜିକାଲି କେହି କେହି କଳାକାରଙ୍କଠାରେ ୫ ତାର ବିଶିଷ୍ଟ ବା ୮ ତାର ବିଶିଷ୍ଟ ବେହେଲା ଦେଖିବାକୁ ମିଳୁଅଛି ।

ବେହେଲା ବଜାଇବାର ଶୈଳୀ

ବେହେଲା ବଜାଇବାର ସାଧାରଣତଃ ଦୁଇଟି ଶୈଳୀ ଥାଏ । ପ୍ରଥମଟି ଗାୟନ ଶୈଳୀ ଏବଂ ଦ୍ୱିତୀୟଟି ଗତ ଶୈଳୀ ।

୧–ଗାୟନ ଶୈଳୀ : ବେହେଲା ବଜାଇବା ଲୋକ ବେହେଲାର ଅଗ୍ରଭାଗକୁ ଡାହାଣ ଗୋଡ଼ର ଗୋଇଠି ବା ଡାହାଣ ଗୋଡ଼ ଉପରେ ରଖି ବଜାନ୍ତି । କାରଣ ଏଥିରେ ସହଜରେ ଗମକ, ମିଡ଼୍, ତାନ୍ ଇତ୍ୟାଦି ବଜାଇବାର ସୁବିଧା ହୁଏ । ଏ ଶୈଳୀରେ ବହୁତ ଶିଳ୍ପୀ ବେହେଲାରେ ଗୀତ ବଜାନ୍ତି ଆଉ ଗାୟନ ଢଙ୍ଗରେ ତାନ୍, ଆଳାପ କରନ୍ତି । ବାସ୍ତବରେ ସବୁ ଗତ ବା ଛନ୍ଦରେ ବଜାଇବା ବାଦ୍ୟ ଗାୟନ ସହିତ ସଂଗତ କରିବା ପାଇଁ ବିଶେଷ ଉପଯୁକ୍ତ । କାରଣ ଏ ସବୁରେ ସ୍ୱରର ସ୍ଥିରତା ସମ୍ଭବ ଯାହାକି ସୀତାର ଆଦି ଯନ୍ତ୍ରରେ ନାହିଁ । ସାରଙ୍ଗୀ, ଦିଲରୁବା ଏବଂ ବେହେଲା ଏହି ତିନଗୋଟି ବାଦ୍ୟ ସଂଗତ ପାଇଁ ଉପଯୁକ୍ତ । କର୍ଣ୍ଣାଟକୀ ସଙ୍ଗୀତ, ହିନ୍ଦୁସ୍ଥାନୀ ସଙ୍ଗୀତ, ମହାରାଷ୍ଟ୍ର ପ୍ରଦେଶରେ ଗାୟନ ଶୈଳୀରେ ବେହେଲା ବଜାଯାଉଛି ।

Author Images reprocessed by srujanika@gmail.com

ଉତ୍ତର ଭାରତର କିଛି ଲୋକଙ୍କୁ ଛାଡ଼ିଦେଲେ ପ୍ରାୟ ସବୁ ଲୋକେ ଏହି ଶୈଳୀକୁ ଅନୁସରଣ କରୁଛନ୍ତି ।

୨-ଗତ ଶୈଳୀ : ଏହି ଶୈଳୀରେ ବେହେଲା ବାଦକ ସାଧାରଣତଃ ଠିଆ ହୋଇ ବଜାଇଥାନ୍ତି ଯେମିତି ୟୁରୋପରେ ବଜାଯାଏ । ଏଥିରେ ସ୍ୱରର ଆନନ୍ଦ କମିଯାଏ କାରଣ ସ୍ୱରରେ ପବିତ୍ରତା ରକ୍ଷା କରିବା କଠିନ ହୋଇଯାଏ । ଏଥିରେ ସିତାର ଏବଂ ସରୋଦର ଗତ ଭଳି ବେହେଲାରେ ବଜାଯାଏ । ତାନ୍, ଝାଲା ଇତ୍ୟାଦି ପ୍ରୟୋଗ ହୁଏ । ଆହୁରି ମଧ୍ୟ ଗଜ ବା ଛଡ଼ିରେ ସିତାରର ବୋଲ୍ ଏବଂ ଝାଲାକୁ ବାହାର କରନ୍ତି । ଶ୍ରୀ ଗଗନଚନ୍ଦ୍ର ଚାଟାର୍ଜୀ ପ୍ରଥମେ ଏହି ଶୈଳୀରେ ପ୍ରୟୋଗ ଆରମ୍ଭ କରିଥିଲେ । ବର୍ତ୍ତମାନ କିଛି ସ୍ଥାନରେ ଏହି ଶୈଳୀକୁ ମଧ୍ୟ ଅନୁକରଣ କରୁଛନ୍ତି । ଏଥିରେ ଗତ୍କାରୀ ଚମତ୍କାର ହୁଏ ।

ବାସ୍ତବରେ ଦୁଇଟିଯାକ ଶୈଳୀରେ ଗୁଣଦୋଷ ଅଛି । ଗାୟନ ଶୈଳୀରେ ବଜାଉଥିବା ଲୋକମାନେ ସଙ୍ଗୀତରେ ନିପୁଣ ହୋଇପାରନ୍ତି, କିନ୍ତୁ ଏକକ ବାଦନ (SOLO) କାର୍ଯ୍ୟକ୍ରମରେ ଗୀତ ବଜାଇବା ଏକ ଅସ୍ୱାଭାବିକ କାର୍ଯ୍ୟ । କାରଣ ଗୀତର ଶବ୍ଦ ତ ବେହେଲାରେ ବା ଯନ୍ତ୍ରରେ ବାହାରେ ନାହିଁ । ଗାୟନ ଶୈଳୀରେ ସ୍ୱରର ବିସ୍ତାର ଖୁବ୍ ସୁନ୍ଦର ହୁଏ । ଯଦିଓ ଗତ୍କାରୀର ଲୟ ବୈଚିତ୍ର ଏବଂ ଚମତ୍କାର ନ ହୋଇପାରେ ତେବେ ଦୁଇଟିଯାକ ଶୈଳୀରେ ଅର୍ଥାତ୍ ବେହେଲା ବାଦ୍ୟରେ ସମୁଚିତ ସମିଶ୍ରଣ କରାଗଲେ ବେହେଲା SOLO ବଜାଇବାର ଏକ ସୁନ୍ଦର ଶୈଳୀ ହୋଇଥାଏ ।

କେବଳ ଗତ୍ ଶୈଳୀରେ ଶାସ୍ତ୍ରୀୟ ସଙ୍ଗୀତରେ ସଂଗତ କରିବା ଅସୁବିଧା ହୁଏ । ସୀତାର ଭଳି ବେହେଲାରେ ବା' ଆଞ୍ଜ ଗ୍'ର ସ୍ପଷ୍ଟ ସ୍ଥାନ ନାହିଁ । ଆଉ ମଧ୍ୟ ସେ ପ୍ରକାର ସୁବିଧା ମଧ୍ୟ ନାହିଁ । ଅତଏବ ସୀତାର ଭଳି ବେହେଲାରେ ଯୋଡ୍, ଆଲାପ, ଗତ-ତୋଡ଼ା, ଝାଲା ଆଦି ସୁନ୍ଦର ଭାବରେ ବଜାଇ ହୁଏ ନାହିଁ ।

ତେଣୁ ଦୁଇଟି ଶୈଳୀକୁ ମିଶାଇ ବଜାଗଲେ ବେହେଲାବାଦନ ଅତ୍ୟନ୍ତ ସୁନ୍ଦର ହୋଇଥାଏ ।

Author Images reprocessed by srujanika@gmail.com

କେତେକ ବ୍ୟବହାର୍ଯ୍ୟ ପଦର ସଂଜ୍ଞା

ସଙ୍ଗୀତ—ଗାୟନ, ବାଦନ ଏବଂ ନୃତ୍ୟ ଏହି ତିନୋଟିର ମିଶ୍ରଣକୁ ସଙ୍ଗୀତ କୁହାଯାଏ । କିନ୍ତୁ ଏହା ଶୁଦ୍ଧ ତାଳ, ଲୟ, ଉତ୍ତମ ଶବ୍ଦ ଉଚ୍ଚାରଣ ହାବଭାବ ଏବଂ ଅଳଙ୍କାର ସହିତ ହେବା ବିଧେୟ ।

ନାଦ—ସଙ୍ଗୀତ ଉପଯୋଗୀ ଶବ୍ଦକୁ ନାଦ କୁହାଯାଏ ।

ଅଳଙ୍କାର—ବର୍ଣ୍ଣର ନିୟମିତ ରଚନା ଅଥବା ବିଶିଷ୍ଟ ସ୍ୱର ସମୁଦାୟକୁ ଅଳଙ୍କାର କୁହାଯାଏ । ରାଗକୁ ବିସ୍ତାର କରି ବଜାଇବାକେଲେ ଅଳଙ୍କାରର ଆବଶ୍ୟକତା ରହିଛି ।

ସ୍ୱର—ଯେଉଁ ନାଦ ବା ଧ୍ୱନି ମଧୁର ଏବଂ ଶ୍ରୁତିମଧୁର ତାହାକୁ ସଙ୍ଗୀତରେ ସ୍ୱର କୁହାଯାଏ । ସ୍ୱର ସାଧାରଣତଃ ସାତ ପ୍ରକାରର ଯଥା—

ସା ରେ ଗା ମା ପା ଧା ନି ।

ଆରୋହ-ଅବରୋହ—ଗୀତ ଗାଇବା ସମୟରେ ଏକ ସ୍ୱର ଉଠି ଉଠିଯାଏ ତା'ପରେ ଏକ ନିର୍ଦ୍ଦିଷ୍ଟ ଜାଗାରୁ ପୁଣି ତଳକୁ ଖସିଖସି ଆସେ । ଏହି ଉଠିବା ଏବଂ ଖସିବାକୁ ସଙ୍ଗୀତରେ ଆରୋହ- ଅବରୋହ କୁହାଯାଏ ।

ଯେମିତ : ସ ର ଗ ମ ପ ଧ ନ—ଆରୋହ

ନ ଧ ପ ମ ଗ ର ସ—ଅବରୋହ

ପକଡ଼—ମୁଖ୍ୟ ସ୍ୱରର କିଛି ଅଂଶ ଯାହାଦ୍ୱାରା ରାଗର ରୂପ ପ୍ରଦର୍ଶିତ ହୁଏ ତାକୁ ପକଡ଼ କୁହାଯାଏ ।

ସ୍ଥାୟୀ—ଗୀତର ପ୍ରଥମ ପଦକୁ ସ୍ଥାୟୀ କୁହାଯାଏ । ଏଥିରୁ ରାଗର ସ୍ପଷ୍ଟ ରୂପ ପ୍ରକଟ ହୋଇଥାଏ ଏବଂ ତାର ସପ୍ତକରେ ସ୍ୱରର ଉପଯୋଗ କମ୍ ହୁଏ ।

ଅନ୍ତରା—ଗୀତର ଅନ୍ୟ ପଦକୁ ଅନ୍ତରା କୁହାଯାଏ । ଏହି ପଦ ମଧ୍ୟ ସପ୍ତକରୁ ଆରମ୍ଭ ହୋଇ ତାର-ସପ୍ତକର ମଧ୍ୟ ଅଂଶ ପର୍ଯ୍ୟନ୍ତ ଯାଏ ।

ବାଦୀ—ରାଗରେ ଯେଉଁ ସ୍ୱର ଅନ୍ୟ ସ୍ୱର ଅପେକ୍ଷା ଅଧିକ ଉପଯୋଗୀ ତଥା ଯେଉଁ ସ୍ୱର ରାଗର ନିର୍ଦ୍ଦିଷ୍ଟ ରୂପ ପ୍ରକଟ କରୁଥାଏ ଏବଂ ଯାହା ରାଗରେ ଅଧିକ ମହତ୍ତ୍ୱ ସ୍ୱର ଅଟେ ତାକୁ ବାଦୀସ୍ୱର କୁହାଯାଏ । ଏଥିପାଇଁ ଏହାକୁ ରାଗର ରାଜା ମଧ୍ୟ କୁହାଯାଏ ।

Author Images reprocessed by srujanika@gmail.com

ସମ୍ବାଦୀ—ବାଦୀସ୍ୱରଠାରୁ କମ୍ ଏବଂ ଅନ୍ୟ ସ୍ୱରମାନଙ୍କଠାରୁ ଯିଏ ଅଧିକ ମହତ୍ତ୍ୱପୂର୍ଣ୍ଣ ତାହାକୁ ସମ୍ବାଦୀ ସ୍ୱର କୁହାଯାଏ । ଏହା ରାଜାଙ୍କ ପାଖରେ ମନ୍ତ୍ରୀ ସଦୃଶ ।

ଅନୁବାଦୀ—ବାଦୀ ଏବଂ ସମ୍ବାଦୀକୁ ଛାଡ଼ି ଅନ୍ୟ ନିୟମିତ ସ୍ୱରକୁ ଅନୁବାଦୀ କୁହାଯାଏ ।

ବିବାଦୀ—ଯେଉଁ ସ୍ୱରକୁ ରାଗରେ ଲଗାଇବା ଦ୍ୱାରା ରାଗର ରୂପ ବଦଳିଯାଏ ବା ବିଗିଡ଼ି ଯାଏ ତାହାକୁ ବିବାଦୀ କୁହାଯାଏ । ଏହାକୁ ରାଗର ଶତ୍ରୁ ମଧ୍ୟ କୁହାଯାଏ ।

ଥାଟ୍—ସ୍ୱରର ଏକ ବିଶେଷ ରଚନାକୁ ଥାଟ୍ କୁହାଯାଏ । ଯେଉଁଥିରେ କି ରାଗର ସିଢ଼ି ତିଆରି କରାଯାଏ ।

ଥାଟ୍ ସମ୍ପର୍କରେ ନିମ୍ନଲିଖିତ ବିଷୟ ପ୍ରତି ଧ୍ୟାନଦେବା ଆବଶ୍ୟକ

କ) ଥାଟ୍‌ରେ ସବୁବେଳେ ୭ ସ୍ୱର ରହିବା ଆବଶ୍ୟକ ।

ଖ) ଥାଟ୍‌ରେ ରଞ୍ଜକତା ହେବା ଦରକାର ନାହିଁ ।

ଗ) ଥାଟ୍‌ର ଲକ୍ଷଣ ଜଣାଇବା ପାଇଁ ଅବରୋହର କିଛି ଆବଶ୍ୟକତା ନାହିଁ ।

ଥାଟ୍ ବହୁତ ପ୍ରକାରର ହୋଇ ପାରିବ । କିନ୍ତୁ ଆଜକାଲି ବ୍ୟବହୃତ ହେଉଥିବା ୧୦ଟି ମୁଖ୍ୟ ଥାଟ୍ ହେଲା—କଲ୍ୟାଣ, ବିଲାବଲ, ଖମାଜ, ଭୈରବ, ପୂର୍ବୀ, ମାରବା, କାଫୀ, ଆଶାବରୀ, ଭୈରବୀ ଏବଂ ତୋଡ଼ୀ ।

ରାଗ—ଏହା ଶବ୍ଦର ଏକ ବିଶେଷ ରଚନା ଅଟେ । ରାଗ ଥାଟ୍‌ରୁ ଉତ୍ପନ୍ନ ହୁଏ ଏବଂ ଗୋଟିଏ ଥାଟ୍‌ରୁ ଶହ, ଶହ ରାଗ ଉତ୍ପନ୍ନ ହୋଇଥାଏ ।

ସପ୍ତକ—ସଙ୍ଗୀତରେ ଶୁଦ୍ଧ ସ୍ୱର ସାତୋଟି ଗ୍ରହଣ କରାଯାଇଛି । ଯଥା—ସ ର ଗ ମ ପ ଧ ନ । ଏହି ସାତ ସ୍ୱର ରହିବା ସ୍ଥାନକୁ ସପ୍ତକ କହନ୍ତି । ଏହା ୩ ପ୍ରକାର ଯଥା—

Author Images reprocessed by srujanika@gmail.com

ମନ୍ଦ୍ର ସପ୍ତକ	ମଧ୍ୟ ସପ୍ତକ	ଏବଂ	ତାର ସପ୍ତକ
(ବହୁତ ଧିମା, ଗମ୍ଭୀର)	(ମଧ୍ୟମ ଧରଣର ଉଚା ନୁହେଁ କି ନିଚା ନୁହେଁ)		(ବହୁତ ଉଚା)

ଔଡ଼ବ—ଯେଉଁ ରାଗରେ ଯେ କୌଣସି ଦୁଇ ସ୍ୱରକୁ ବାଦ୍ ଦେଇ ପାଞ୍ଚ ସ୍ୱରର ପ୍ରୟୋଗ ହୁଏ ତାହାକୁ ଔଡ଼ବ ଜାତିର ରାଗ କୁହାଯାଏ । ଯଥା- ମାଲକୋଶ୍, ଭୂପାଳି ଇତ୍ୟାଦି ।

ଷାଡ଼ବ—ଯେଉଁ ରାଗରେ ଗୋଟିଏ ସ୍ୱରକୁ ବାଦ୍ ଦେଇ ଛଅ ସ୍ୱରର ପ୍ରୟୋଗ ହୁଏ ତାହାକୁ ଷାଡ଼ବ ଜାତିର ରାଗ କୁହାଯାଏ । ଯଥା—ପୁର୍ବୀ ମାରବା ଇତ୍ୟାଦି ।

ସମ୍ପୂର୍ଣ୍ଣ—ଯେଉଁ ରାଗରେ ପୁରା ସାତ ସ୍ୱର ରହିଥାଏ, ତାକୁ ସମ୍ପୂର୍ଣ୍ଣ ଜାତିର ରାଗ କୁହାଯାଏ । (ଯେମିତି ୟମନ, ଭୈରବ, କାଫି ଇତ୍ୟାଦି) ଔଡ଼ବ, ଷାଡ଼ବ ଏବଂ ସମ୍ପୂର୍ଣ୍ଣ ୩ ଜାତି ଅଟେ, କିନ୍ତୁ ଏଥିରୁ ୯ ପ୍ରକାର ଜାତି ତିଆରି ହୋଇପାରେ ।

କୋମଳ—ଶୁଦ୍ଧ ସ୍ୱର ଯେବେ ନିଜ ସ୍ଥାନରୁ ଗୋଟିଏ ଶ୍ରେଣୀ ତଳକୁ ଖସିଆସେ ତାହାହେଲେ ଏହାକୁ "କୋମଳ" କୁହାଯାଏ ।

ତୀବ୍ର—ଶୁଦ୍ଧସ୍ୱର ଯେତେବେଳେ ନିଜ ସ୍ଥାନରୁ ଉପରକୁ ଉଠେ ଅର୍ଥାତ୍ ସ୍ୱର ଯେତେବେଳେ ତାରସପ୍ତକ (Pitch) ହୋଇଯାଏ ତାହାହେଲେ ତାକୁ "ତୀବ୍ର" ସ୍ୱର କୁହାଯାଏ ।

ଶ୍ରୁତି—ସପ୍ତକର ୧୨ସ୍ୱର ଯାହାକି ହାରମୋନିୟମରେ ଅଛି, ଏହାର ତଳ ଉପର ଏବଂ ମଝିରେ ଆହୁରି ମଧ୍ୟ ବହୁତ ସୁନ୍ଦର ଶବ୍ଦ ବା ଧ୍ୱନି ରହିଛି ଯାହାକୁ ଶ୍ରୁତି କୁହାଯାଏ । ଶ୍ରୁତିର ଦର୍ଶନ କେବଳ ସାରଙ୍ଗୀ, ସୀତାର ବେହେଲା, ବୀଣା ଇତ୍ୟାଦି ତାର ଯନ୍ତ୍ରରେ ହୋଇ ପାରିବ । ପ୍ରାଚୀନ ଗାୟକ ବିଦ୍ୟାରେ ୨୨ ଶ୍ରୁତି ଏକ ସପ୍ତକରେ ମାନନ୍ତି । କୁଶଳ ଗାୟକ ଗଳାରେ ଦେଖାଇ ପାରନ୍ତି ।

Author Images reprocessed by srujanika@gmail.com

ଆଳାପ : ଗୀତର ଶବ୍ଦକୁ ବ୍ୟବହାର କରା ନ ଯାଇ ଯନ୍ତ୍ର ସ୍ୱରର ଆକାରକୁ ଆ, ଇ, ଉ, ତ, ନା; ତୋ, ନୋ ଇତ୍ୟାଦ୍ଦ ଦ୍ୱାରା ପ୍ରଦର୍ଶନ କରା-ଯାଏ ତେବେ ତାହାକୁ 'ଆଳାପ' କୁହାଯାଏ । ରାଗର ଆଳାପରୁ ରାଗର ଠାଟ୍, ବାଦୀ, ସମ୍ବାଦୀର ସ୍ପଷ୍ଟ ରୂପ ପ୍ରକାଶ ପାଇବା ଆବଶ୍ୟକ । ଗୀତ ଆରମ୍ଭ କରିବା ପୂର୍ବରୁ ଆଳାପ ଦେବା ପ୍ରଥା ରହିଛି । ସେଥିରେ ତାଳ ତଥା ଶବ୍ଦର ଆବଶ୍ୟକତା ନ ଥାଏ ।

ଶୁଦ୍ଧସ୍ୱର : ଯେଉଁ ସ୍ୱର ସ୍ଥିର ରହି ସବୁବେଳେ ବୋଲାଯାଏ ବା ବଜାଯାଏ ତାହାକୁ ଶୁଦ୍ଧସ୍ୱର କୁହାଯାଏ । ଯେମିତି— ସ ର ଗ ମ ପ ଧ ନ । ଏହାକୁ ଚହ୍ନିବା ପାଇଁ ସ୍ୱରର ତଳେ ବା ଉପରେ କୌଣସି ଚହ୍ନ ବ୍ୟବହାର କରାଯାଏ ନାହିଁ ।

ବିକୃତସ୍ୱର : ଶୁଦ୍ଧସ୍ୱର ନିଜସ୍ଥାନରୁ ଗୋଟିଏ ଶ୍ରେଣୀ ତଳକୁ ବା ଉପରକୁ ଗଲେ ତାହାକୁ ବିକୃତସ୍ୱର କୁହାଯାଏ । ର ଗ ଧ ନ ମ ବିକୃତ ସ୍ୱର ଅଟେ । ଏହି ସ୍ୱର ବିକୃତ ହେଲେ ମଧ୍ୟ ଏହାକୁ "କୋମଳ" ବୋଲି କୁହାଯାଏ ।

ଗତ : ରାଗରେ ଉରପୁର **ସରଗମ** ଯେତେବେଳେ କୌଣସି ବାଦ୍ୟ ଦ୍ୱାରା ବଜାଯାଏ ସେତେବେଳେ ତାହାକୁ **ଗତ** କୁହାଯାଏ ଯେପରି ଗୀତରେ ତାନ୍ ରହିଥାଏ ସେହିପରି ଗତରେ ତାନ୍ ତହାଇ, ଝାଲା ଇତ୍ୟାଦି ଥାଏ ।

ମସୀତ୍‌ଖାନୀ : ଯେଉଁ ଗତ ବିଲମ୍ବିତ ଲୟରେ ଅର୍ଥାତ୍ ଧୀରେ ଧୀରେ ବଜାଯାଏ ତାହାକୁ "ମସୀତ୍‌ଖାନୀ" ଗତ କୁହାଯାଏ ।

ରାଜଖାନୀ—ଯେଉଁ ଗତ ଦ୍ରୁତ ଲୟରେ ବଜାଯାଏ ତାହାକୁ "ରାଜଖାନୀ" ଗତ କୁହାଯାଏ ।

ଘସିଟ୍ : ଏକସ୍ୱରରୁ ଦ୍ୱୀତୀୟ ସ୍ୱରପାଏ ବିନା ଖଣ୍ଡ କରି ଆଙ୍ଗୁଳିକୁ ଘସିକି ନେବା କ୍ରିୟାକୁ ଘସିଟ କହନ୍ତି ।

ମିଣ୍ଡ୍ : ଯେବେ ଦୁଇଟିରୁ ଅଧିକ ସ୍ୱର ବୋଲାଯାଏ, ଯେମିତିକି ସ୍ୱର ମଝିରେ କଟିନଯାଏ ତାର ବାଦ୍ୟ ସାରଂଗୀ ସେତାର ଓ ବେହେଲାରେ ଗୋଟିଏ ଯାଗାରେ ଆଙ୍ଗୁଳି ରଖି ତାରଦ୍ୱାରା ଓ ଆଙ୍ଗୁଳି ଦ୍ୱାରା ଆଗ ସ୍ୱରକୁ ଅଖଣ୍ଡ ଭାବରେ ବଜାଇବାର ଢ଼ଙ୍ଗକୁ ମିଣ୍ଡ୍ କୁହାଯାଏ ।

Author Images reprocessed by srujanika@gmail.com

ତାଳ ସମ୍ପର୍କରେ ଜ୍ଞାନ

ତାଳ : ଛନ୍ଦ ଅନୁସାରେ ସମସ୍ତ ବିଭାଗ କରି ପରିମାଣ ସ୍ଥିର କରାଗଲେ ତାହାକୁ "ତାଳ" କୁହାଯାଏ । ଅନ୍ୟ ଅର୍ଥରେ ସମୟର ପରିମାପକୁ ତାଳ କୁହାଯାଏ । ତାଳ ସଙ୍ଗୀତର ଗୋଟିଏ ମହତ୍ ଅଂଶ । ବିନା ତାଳରେ ଗାଇବା, ବଜାଇବା, ନାଚିବା ସମ୍ଭବ ନୁହେଁ ।

